# ପାଂଚଜଣ ସମ୍ମାନାସ୍ପଦ ଭାରତୀୟଙ୍କ ସମ୍ପର୍କରେ...

କାନାଡ଼ାର 'ସୁରେ' ସହରର ହଲାଣ୍ଡ ପାର୍କରେ ଦକ୍ଷିଣ ଏସିଆରୁ ଆସିଥିବା ଅନେକ ଲୋକ ପ୍ରତିବାଦ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ସେମାନଙ୍କ ସଂଖ୍ୟା ହାତଗଣତି ଥିଲା ଏବଂ ସେମାନେ କାନାଡ଼ା ଦେଶର କୌଣସି ଘଟଣା ପାଇଁ ପ୍ରତିବାଦ କରୁନଥିଲେ । ସେମାନଙ୍କର ପ୍ରତିବାଦ ଭାରତରେ ଘଟିଥିବା ଏକ ଘଟଣା ପାଇଁ ଥିଲା ଯେଉଁଥିରେ ୫ଜଣ ସମ୍ମାନାସ୍ପଦ (ଅନ୍ତତଃ ନରେନ୍ଦ୍ର ମୋଦୀ, ଅମିତ ଶାହା, ରାଜନାଥ ସିଂହ ଇତ୍ୟାଦିଙ୍କଠାରୁ ଅଧିକ ସମ୍ମାନ ଯେଉଁମାନଙ୍କ ପାଇଁ ଲୋକଙ୍କ ହୃଦୟରେ ଅଛି) ଭାରତୀୟଙ୍କୁ ବିଭିନ୍ନ ଅପରାଧର ଅଭିଯୋଗରେ ଗିରଫ କରାଯାଇଥିଲା । ଏମାନେ କୁଆଡ଼େ ହିଂସାକୁ ଉସୁକାଉଥିଲେ ଏବଂ ପରେ ପରେ ଅଭିଯୋଗ ଅଣାଗଲା ଯେ ଏମାନେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ରଭାଇ ମୋଦୀଙ୍କର ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚନା କରୁଥିଲେ । ସେମାନେ ହେଲେ ମାନବାଧିକାର କର୍ମୀ ସୁରେନ୍ଦ୍ର ଗଡ଼୍‌ଲିଙ୍ଗ୍, ସୋମା ସେନ୍, ସୁଧିର ଧାୱାଲେ, ମହେଶ ରାଓ୍ୱତ ଏବଂ ରୋନା ୱିଲସନ୍ ।

ଜୁନ ୬, ୨୦୧୬ ଭୋରବେଳାରୁ ଗିରଫ କରାଯାଇଥିବା ଏହି ୫ଜଣ ଭାରତୀୟ ପ୍ରକୃତରେ କିଏ ? 'ଏମାନେ କିଏ' ଜାଣିବା ପାଇଁ ସାମାନ୍ୟ ପ୍ରୟାସ ନ କରି, ଭାରତୀୟ ଗଣମାଧ୍ୟମ ଏମାନଙ୍କ ବିରୁଦ୍ଧରେ ଅଭିଯୋଗକୁ ଏମିତି ପ୍ରସାରଣ କରିଚାଲିଥିଲା ଯାହାକି ଯେକୌଣସି ମଣିଷ ମନରେ ପ୍ରଶ୍ନଟିଏ ଆଣିବ ଯେ ଏଭଳି ଜଘନ୍ୟ ଅପରାଧୀଙ୍କୁ ଏଯାଏଁ ଫାଶୀ ଦିଆନଯାଇ ରଖାଯାଇଛି କାହିଁକି ? ଏମାନେ କିଏ ଜାଣିବା ଅବସର ବା ମିଳିବ କାହୁଁ । ଚିନ୍ତାଶୀଳ ମଣିଷମାନେ ଭାବିବା ସ୍ୱାଭାବିକ ଯେ ପ୍ରକୃତରେ ଷଡ଼ଯନ୍ତ୍ରଟି ଏହି ୫ଜଣଙ୍କ ବିରୁଦ୍ଧରେ ହୋଇଛି । ନିଜ ସ୍ୱର ଓ କଲମକୁ ଅସ୍ତ୍ର କରି ଲଢୁଥିବା ମଣିଷମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ହତ୍ୟା ବା କରିବେ କିପରି ? ସତ କହିବାକୁ ଗଲେ କେହି ପ୍ରଧାନମନ୍ତ୍ରୀଙ୍କର ହତ୍ୟା ବା କରିବ କାହିଁକି ? ନୀତି ଓ ନୈତିକତାରେ ନିଜକୁ ନିଜେ ଦିନକୁ ଦିନ ଦୁର୍ବଳରୁ ଅତି ଦୁର୍ବଳ କରିଚାଲିଥିବା ମାନ୍ୟବରମାନଙ୍କ ଗୋଡ଼ତଳ ମାଟି ଦ୍ରୁତଗତିରେ ଖସି ଖସି ଚାଲିଛି । ସେମାନଙ୍କୁ ନିପାତ କରିବାର ଆବଶ୍ୟକତା ବି ନାହିଁ । ପ୍ରଶ୍ନ ଆସିପାରେ ତେବେ ଏଭଳି ଦଫା ସବୁ ଲଗାଇ ଏହି ୫ଜଣଙ୍କୁ ଗିରଫ କରାଗଲା କେମିତି ? ଅଦାଲତମାନେ କ'ଣ କିଛି ତର୍ଜମା କରିନଥିବେ ଜାମିନ ପାଇଁ ଆବେଦନ କଲାବେଳେ !

ପ୍ରଥମ ଅଭିଯୁକ୍ତ ସୁରେନ୍ଦ୍ର ଗଡ଼୍‌ଲିଙ୍ଗ୍ ହେଉଛନ୍ତି ଜଣେ ମାନବିକ ଅଧିକାର ପାଇଁ ଲଢୁଥିବା ଓକିଲ ଏବଂ ସେ ସମ୍ପ୍ରତି ଜନବାଦୀ ଓକିଲମାନଙ୍କୁ ନେଇ ଗଠିତ ଭାରତୀୟ ସଙ୍ଗଠନର ସମ୍ପାଦକ । କେବଳ ଏତିକି ମାତ୍ର ପରିଚୟରୁ ବୁଝି ହେଉଯାଉଛି ତାଙ୍କ ପଛରେ ଏଭଳି ଅଭିଯୋଗ କାହିଁକି ଅଣାଯାଇଥିବ । ସେ ଶହ ଶହ ମାନବିକ ଅଧିକାର ଉଲ୍ଲଂଘନ ମାମଲାରେ ଲୋକଙ୍କ ପକ୍ଷରୁ ଲଢ଼ିଆସିଛନ୍ତି ଏବଂ ମିଛ ମୋକଦ୍ଦମା କରି ଗିରଫ କରାଯାଉଥିବା ମାନବିକ ଅଧିକାର କର୍ମୀମାନଙ୍କ ପକ୍ଷରୁ ମାମଲାଗୁଡ଼ିକରେ ଓକିଲାତି କରୁଛନ୍ତି । ତାଙ୍କ ସହ ଏକାବେଳେ ଗିରଫ ହୋଇଥିବା ମାନବିକ ଅଧିକାର କର୍ମୀ ରୋନା ୱିଲସନ୍, ସୁଧୀର ଧାୱାଲେ, ସୋମା ସେନ୍ ଓ ମହେଶ ରାଓ୍ୱତଙ୍କୁ ଭାରତର ବିଭିନ୍ନ ପ୍ରାନ୍ତରୁ ଏକାବେଳେ ଗିରଫ କରାଯାଇଥିଲା । ସେମାନେ ସମସ୍ତେ ବିବାଦୀୟ ପ୍ରଚାରପତ୍ର ବା ିବା ଏବଂ ଜାନୁଆରୀ ୨୦୧୮ରେ ଘଟିଥିବା 'ଭିମ୍ କୋରେଗାଁ' ମାମଲାରେ ଘୃଣା ସୃଷ୍ଟି କଲାଭଳି ଭାଷଣ ଦେଇଥିବା ଅଭିଯୋଗ କରି ଏକ ଜଘନ୍ୟ ଆଇନ, 'ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ବା ଅନ୍-ଲଫୁଲ୍ ଆକ୍ଟିଭିଟିସ୍ ପ୍ରିଭେନ୍‌ସନ୍ ଆକ୍ଟ (UAPA) ପ୍ରୟୋଗ କରି ଗିରଫ କରାଗଲା । ସେମାନେ ବେଆଇନ ଘୋଷିତ ମାଓବାଦୀ ଦଳଗୁଡ଼ିକ ସହ ସମ୍ପର୍କ ରଖିଛନ୍ତି ବୋଲି ମଧ୍ୟ ଅଭିଯୋଗ କରାଗଲା । ଡିସେମ୍ବର ୩୧, ୨୦୧୭ରେ ଦଳିତମାନଙ୍କ ଦ୍ୱାରା ଆୟୋଜିତ 'ଏଲଗାର୍ ପରିଷଦ'ବେଳେ ଘଟିଥିବା ହିଂସାରେ ଏମାନଙ୍କ ସମ୍ପୃକ୍ତି ଥିଲା ବୋଲି ମଧ୍ୟ କୁହାଗଲା । ୨୦୦ବର୍ଷ ତଳେ ଉଚ୍ଚଜାତିର ପେଶୱାମାନଙ୍କ ବିରୁଦ୍ଧରେ ଦଳିତମାନଙ୍କ ବିଜୟକୁ ମନେ ପକାଇ ଏଲଗାର୍ ପରିଷଦ ନାମରେ ଦଳିତମାନେ ଏକ ଉତ୍ସବର ଆୟୋଜନ କରିଥିଲେ । ଜାନୁଆରୀ ୧, ୨୦୧୮ରେ ପୁନା ନିକଟସ୍ଥ ଭିମ୍ କୋରେଗାଁରେ ଏହି ସ୍ମୃତି ଉତ୍ସବଟି ହିଂସ୍ର ହେଇଯାଇଥିଲା । ଏଥିରେ ଉଚ୍ଚଜାତିର ଲୋକମାନଙ୍କର ହାତଅଛି ବୋଲି ସନ୍ଦେହ କରାଯାଇଥିଲା । ତେବେ ଉଚ୍ଚଜାତିର ଅଭିଯୁକ୍ତମାନଙ୍କୁ ନାମକୁ ମାତ୍ର ଗିରଫ କରି ପରେ ଛାଡ଼ିଦିଆ ଯାଇଥିବା ବେଳେ, ଘଟଣା ସହିତ କୌଣସି ପ୍ରକାରେ ସମ୍ପୃକ୍ତ ନଥିବା ଏହି ପା ଜଣ କର୍ମୀଙ୍କୁ ନାଗପୁର, ମୁମ୍ବାଇ ଓ ଦିଲ୍ଲୀରୁ ଗିରଫ କରାଯାଇଥିଲା ।

ଏଭଳି ଗିରଫଦାରିକୁ ନିନ୍ଦା କରି ଏବଂ ଏହି ୫ଜଣ ମାନବିକ ଅଧିକାର କର୍ମୀଙ୍କର ତୁରନ୍ତ ମୁକ୍ତି ଦାବୀ କରି ଭାରତର ଆଗଧାଡ଼ିର ମାନବିକ ଅଧିକାର କର୍ମୀମାନେ ମଧ୍ୟ ଦାବୀ କରିସାରିଛନ୍ତି । ଏହି କର୍ମୀମାନେ ଯେମିତି ଶାନ୍ତିପୂର୍ଣ୍ଣ ଭାବେ ନିଜର କାମ କରିଆସିଛନ୍ତି, ତାଙ୍କୁ ସେଭଳି ମାନବିକ ଅଧିକାରର ସୁରକ୍ଷା କାମ କରିବା ପାଇଁ ଦିଆଯାଉ ବୋଲି ମଧ୍ୟ ଦାବୀ କରିଛନ୍ତି । ତେବେ କାନାଡ଼ାରେ 'ଉଗ୍ର ଦେଶୀ' (Radical Desi) ନାମକ ଏକ ସଙ୍ଗଠନର ଛତ୍ର ତଳେ ଠିଆହୋଇ ପ୍ରତିବାଦ କରୁଥିବା ଏହି ଦକ୍ଷିଣ ଏସୀୟ ଲୋକମାନଙ୍କ କହିବାର ଥିଲା ଯେ, ଗିରଫ କରାଯାଇଥିବା ଏହି ୫ଜଣ ମାନବ ଅଧିକାର କର୍ମୀ 'ରାଜନୈତିକ ବନ୍ଦୀ ଏବଂ ସମାଜର ନିଷ୍ପେଷିତ ବର୍ଗର ଅଧିକାର'କୁ ନେଇ ସ୍ୱର ଉଠାଇ ଆସିଛନ୍ତି । ସେମାନଙ୍କ ପରିବାରବର୍ଗ ଓ ବନ୍ଧୁବର୍ଗ ଭାବୁଛନ୍ତି ଯେ ଗୋଟିଏ ଦକ୍ଷିଣପନ୍ଥୀ ହିନ୍ଦୁ ଜାତୀୟତାବାଦୀ ସରକାର ବିରୁଦ୍ଧରେ ସ୍ୱର ଉଠାଉଥିବା ଯୋଗୁଁ ଏମାନଙ୍କ କଣ୍ଠରୁଦ୍ଧ କରିବା ପାଇଁ ଗିରଫ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ହତ୍ୟା କରିବାପାଇଁ ଚକ୍ରାନ୍ତ ସମ୍ପର୍କରେ ଉପସ୍ଥାପିତ ତଥ୍ୟର ବିଶ୍ୱସନୀୟତାକୁ ନେଇ ସନ୍ଦେହ ଉଠିସାରିଲାଣି ।' (www.countercurrents.org, July 1, 2018)

ସୁରେନ୍ଦ୍ର ଗଡ଼ଲିଙ୍ଗ୍ଙ୍କ ଅପରାଧଟି ହେଲା ଯେ ମାଓବାଦୀ ନାଁ'ରେ ଗିରଫ ହୋଇଥିବା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦିବ୍ୟାଙ୍ଗ ପ୍ରଫେସର ଡ଼ଃ ଜି.ଏନ୍. ସାଇବାବାଙ୍କର ସେ ଓକିଲ । ନିରୀହ ଲୋକମାନଙ୍କ ଉପରେ ଭାରତର ନିରାପ । ବାହିନୀ ମାଓବାଦୀ ଦମନ ନାଁ'ରେ ଯେଉଁ ହିଂସାର ତାଣ୍ଡବଲୀଳା ଚଳାଇ ଆସିଛନ୍ତି ତାରି ବିରୁଦ୍ଧରେ ମଧ୍ୟ ସେ ସ୍ୱର ଉଠାଇ ଆସିଛନ୍ତି । ଧାର୍ମିକ ସଂଖ୍ୟାଲଘୁମାନଙ୍କ ଉପରେ ଆକ୍ରମଣକୁ ମଧ୍ୟ ସେ ବିରୋଧ କରିଆସିଛନ୍ତି ।

ଦ୍ୱିତୀୟଜଣକ ହେଉଛନ୍ତି ସୋମା ସେନ୍ । ସେ ନାଗପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ । ପ୍ରଫେସର ସେନ୍ଙ୍କ ଗିରଫ ପରେ ଏହି ବିଶ୍ୱବିଦ୍ୟାଳୟର କୁଳପତି ଡଃ ଏସ୍.ପି. କାନେଙ୍କୁ ମଧ୍ୟ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି । ଏମାନେ ଜଙ୍ଗଲକୁ ଯାଇ ବନ୍ଧୁକ ଧରିବା ଲୋକ ନୁହନ୍ତି । ଜୁନ୍ ୨୬, ୨୦୧୮ରେ ଫାଷ୍ଟ ପୋଷ୍ଟ୍କୁ ଦିଆଯାଇଥିବା ଏକ ସାକ୍ଷାତକାରରେ ପ୍ରଫେସର ସୋମା ସେନ୍ଙ୍କ ଝିଅ କୋଏଲ୍ ସେନ୍ ନିଜ ପ୍ରତିକ୍ରିୟାରେ କୁହନ୍ତି ଯେ, 'ମୁଁ କେବେ ଭାବିନଥିଲି ମାଁ'ଙ୍କୁ ଏଭଳି ଏକ ଦଶା ଭୋଗିବାକୁ ପଡ଼ିବ । ସାରାଜୀବନ ଅନ୍ୟମାନଙ୍କ ପାଇଁ କାମ କରିବା ପରେ ଏବେ ମା'ଙ୍କୁ ଜଣେ ମାଓବାଦୀ ବୋଲି ଅଭିଯୋଗ ଅଣାଯାଇଛି ।' କୋଏଲଙ୍କ ନିଜ ମା'ଙ୍କ ସମ୍ପର୍କରେ ଦିଆଯାଇଥିବା ବିବରଣୀଟି ପଢ଼ିଲେ ଯେକୌଣସି ଲୋକର ମନରେ କ୍ରୋଧ ଆସିଯିବ । ଭାରତୀୟ ରାଷ୍ଟ୍ର ଗୋଟିଏ 'ମାଓବାଦୀ' 'ଦେଶଦ୍ରୋହୀ' 'ବିକାଶ ବିରୋଧୀ' କାରଖାନାଟିଏ ତିଆରି କରିସାରିଛି ତାହାର ଝଲକ ଦେଖିବାକୁ ମିଳିବ । କୋଏଲଙ୍କ ଏହି ସାକ୍ଷାତକାରଟି ଆମେ 'ସମଦୃଷ୍ଟି'ରେ ପରେ ପ୍ରକାଶ କରିବୁ ।

ନାଗପୁରରୁ ଜୁନ୍ ୬, ୨୦୧୮ରେ ଗିରଫ ହୋଇଥିବା ଲୋକମାନଙ୍କ ଭିତରେ ସୁରେନ୍ଦ୍ର ଗଡ଼ଲିଙ୍ଗ୍ ଓ ପ୍ରଫେସର ସୋମା ସେନ୍ଙ୍କ ସହ ଥିଲେ ସାମାଜିକ କର୍ମୀ ମହେଶ ରାଓ୍ୱତ । ମହାରାଷ୍ଟ୍ରର ଗଡ଼ଚିରୋଲୀ ଜିଲ୍ଲାରେ କର୍ମରତ ମହେଶ ରାଓ୍ୱତ ଟାଟା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସର ଛାତ୍ର ଏବଂ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ଉନ୍ନୟନ ଫେଲୋ ହିସାବରେ ନିଜ ଜିଲ୍ଲାରେ ଅବସ୍ଥାପିତ । ସେ ମଧ୍ୟ ବିସ୍ଥାପନ ବିରୋଧି ଜନଆନ୍ଦୋଳନର ଜଣେ ଆବାହକ ଏବଂ ଭାରତ ଜନଆନ୍ଦୋଳନର ଜଣେ ସଦସ୍ୟ । ତାଙ୍କର ଅପରାଧ ସେ ନିଷ୍ଠାପର ଭାବେ କାମ କରୁଥିଲେ ଜଙ୍ଗଲଜାତ ଦ୍ରବ୍ୟ ଓ ଜମି ଉପରେ ଆଦିବାସୀଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ କେମିତି ଗ୍ରାମସଭାଗୁଡ଼ିକୁ ସୁଦୃଢ଼ କରିହେବ । ସେ ମଧ୍ୟ ଖଣିବିରୋଧୀ ଓ ଜାତିବିରୋଧୀ ଆନ୍ଦୋଳନର ଜଣେ ଆଗଧାଡ଼ିର ଯୁବ ନେତା । ଗଡ଼ଚିରୋଲୀକୁ କେତୋଟି ବଡ଼ ବଡ଼ ଖଣି କମ୍ପାନୀ ଆସିଛନ୍ତି ଏବଂ ରାଓ୍ୱତ ସେମାନଙ୍କ ବିରୁଦ୍ଧରେ ଆନ୍ଦୋଳନ ଜାରି ରଖିଥିଲେ ।

ଅନ୍ୟ ଦୁଇଜଣଙ୍କ ମଧ୍ୟରୁ ରୋନା ଓ୍ୱିଲସନଙ୍କୁ ଦିଲ୍ଲୀରୁ ଗିରଫ କରାଯାଇଥିଲା । କେରଳନିବାସୀ ରୋନା ଓ୍ୱିଲସନ୍ 'ରାଜନୈତିକ ବନ୍ଦୀ ମୁକ୍ତି କମିଟି'ର ଜନସମ୍ପର୍କ ସମ୍ପାଦକ ଥିଲେ । ପ୍ରଫେସର ଏସ୍.ଏ. ଆର୍. ଗିଲାନୀଙ୍କ ମତରେ ସେ ସବୁବେଳେ ଲୋକଙ୍କ ପାଇଁ କାମ କରିଆସିଛନ୍ତି । ଓ୍ୱିଲସନ୍ କାଶ୍ମୀରରେ ମିଛରେ ଆତଙ୍କବାଦୀ କହି ଗିରଫ କରାଯାଉଥିବା ନିରୀହମାନଙ୍କର ମୁକ୍ତି ପାଇଁ ମଧ୍ୟ ଲଢୁଥିଲେ । ତାଙ୍କର 'ଏଲଗାର ପରିଷଦ' ବା 'ଭିମ୍ କୋରେଗାଁ' ଘଟଣା ସହ ସାମାନ୍ୟତମ ସମ୍ପର୍କ ନଥିଲା ବୋଲି ପ୍ରଫେସର ଗିଲାନୀ ମଧ୍ୟ କୁହନ୍ତି । ଗିଲାନୀ ଚିନ୍ତିତ ଯେ, ଯେକୌଣସି ଲୋକ ଯଦି ରାଷ୍ଟ୍ରର ସମାଲୋଚନା କରୁଛି ତାକୁ ଜଣେ ମୁସଲମାନ ବା ମାଓବାଦୀ ଆଖ୍ୟା ଦିଆଯାଉଛି ।

ପ ମଜଣକ ହେଉଛନ୍ତି ସୁଧୀର ଧାଓ୍ୱାଲେ ଯାହାଙ୍କୁ ଠିକ୍ ସେହିଦିନ ହିଁ ବମ୍ବେ ସହରରୁ ଗିରଫ କରାଯାଇଥିଲା । ସୁଧୀର ଧାଓ୍ୱାଲେ ଜଣେ ଜଣାଶୁଣା କବି, ଲେଖକ ଓ ରାଜନୈତିକ ବ୍ୟାଖ୍ୟାକାର । ବାମପନ୍ଥୀ ଚିନ୍ତାଧାରାର ପ୍ରତିଷ୍ଠିତ ପତ୍ରିକା 'ବିଦ୍ରୋହୀ'ର ସେ ସମ୍ପାଦକ

ରହିଆସିଛନ୍ତି । ସେ ଦଳିତ ସଙ୍ଗଠନ, 'ରିପବ୍ଲିକାନ୍ ପାନ୍ଥର'ର ଆବାହକ ମଧ୍ୟ ରହିଆସିଛନ୍ତି । ୨୦୧୧ରେ ତାଙ୍କୁ ନକ୍ସଲ କହି ଗିରଫ କରି ୩ ବର୍ଷ ୪ମାସ ଜେଲ୍ ଭିତରେ ରଖାଯାଇଥିଲା । ପରେ ସେ ସମ୍ପୂର୍ଣ୍ଣ ଭାବେ ଦୋଷମୁକ୍ତ ହୋଇ ବାହାରିଥିଲେ ।

ଗତ କିଛିବର୍ଷ ଧରି ମୁଖ୍ୟତଃ ମନମୋହନ ସିଂ - ଚିଦାମ୍ବରମ୍ଙ୍କ ସମୟରୁ (୨୦୦୪-୨୦୧୪) ଖଣି, ପାଣି, ଜମି ଓ ଜଙ୍ଗଲ ଲୁଣ୍ଠନ ବିରୁଦ୍ଧରେ ଯେଉଁମାନେ ସଙ୍ଗଠିତ ହେଉଛନ୍ତି ଅବା ସ୍ୱରଉତ୍ତୋଳନ କରୁଛନ୍ତି ସେମାନଙ୍କୁ ସହଜରେ 'ମାଓବାଦୀ', 'ଦେଶଦ୍ରୋହୀ' ଓ 'ବିକାଶ ବିରୋଧୀ' ଆଖ୍ୟା ଦିଆଯାଇଆସିଛି । ସେମାନଙ୍କୁ ମିଛ ମୁକାବିଲା କରି ହତ୍ୟା କରାଯାଉଛି ଅବା ମିଛ ମାମଲା ରୁଜୁ କରି ଗିରଫ କରାଯାଇ ଦୀର୍ଘକାଳ ଧରି ଜେଲରେ ରଖାଯାଉଛି । ନରେନ୍ଦ୍ର ମୋଦୀ - ଅମିତ ଶାହାଙ୍କ ଶାସନରେ (୨୦୧୪ - ) ତା' ସହିତ ଆଉ ଦୁଇଟି କଥା ଯୋଡ଼ି ଦିଆଯାଇଛି । ଯେଉଁମାନେ ସଂଖ୍ୟାଲଘୁଙ୍କ ସୁରକ୍ଷା ବା ଅଧିକାର ପାଇଁ ଲଢୁଛନ୍ତି ଅବା ଦଳିତମାନଙ୍କ ଉତ୍ପୀଡ଼ନ ଆନ୍ଦୋଳନରେ ଏକ ସ୍ପଷ୍ଟ ସ୍ୱରହୋଇ ସାମ୍ନାକୁ ଆସୁଛନ୍ତି, ସେମାନଙ୍କୁ ମଧ୍ୟ ଉପୋରକ୍ତ ଆଖ୍ୟା ମିଳୁଛି ଏବଂ ସମାନ ଦଶା ଭୋଗିବାକୁ ପଡୁଛି । କୌତୁହଳର କଥା ଯେ ସବୁକଥାଗୁଡ଼ିକ ସହ ସମ୍ପୃକ୍ତ କର୍ମୀମାନଙ୍କର ଚିନ୍ତା ଓ ଚେତନାର ସ୍ତର ପ୍ରାୟତଃ ସମାନ । ଏହିସବୁ କର୍ମୀମାନଙ୍କର ବୀରତ୍ୱର କାହାଣୀ ଓ ସେମାନେ ଭୋଗୁଥିବା ଦଶା ସମ୍ପର୍କରେ ଜନଗଣଙ୍କୁ ଜଣାଇବା ଯେକୌଣସି ସମ୍ବାଦପତ୍ରର ପରମ କର୍ତ୍ତବ୍ୟ ବୋଲି ଆମେ ମନେକରୁଛୁ ।

## 'ନାରୀମାନଙ୍କ ପାଇଁ ସବୁଠାରୁ ବିପଦପୂର୍ଣ୍ଣ ଦେଶ – ଭାରତ'

'ଥମସନ ରଏଟର୍ ଫାଉଣ୍ଡେସନ୍' ନାମକ ଏକ ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ଦ୍ୱାରା ବର୍ଷକୁ ବର୍ଷ କରାଯାଉଥିବା ନାରୀମାନଙ୍କର ବିଶ୍ୱରେ ସ୍ଥିତିକୁ ନେଇ ଏକ ସର୍ବେକ୍ଷଣ ରିପୋର୍ଟ ନିକଟରେ ପ୍ରକାଶ ପାଇଛି । ଏହି ରିପୋର୍ଟର ଶିରୋନାମା ରହିଛି 'ନାରୀମାନଙ୍କ ପାଇଁ ସବୁଠାରୁ ବିପଦପୂର୍ଣ୍ଣ ଦେଶ–୨୦୧୮' । ରିପୋର୍ଟରେ ପ୍ରକାଶିତ ବିପଦପୂର୍ଣ୍ଣ ଦେଶମାନଙ୍କର ତାଲିକାରେ ପ୍ରଥମ ସ୍ଥାନ ପାଇଛି ଆମ ଦେଶ ଭାରତ । ତେବେ ବାସ୍ତବତାକୁ ଗ୍ରହଣ ନକରି ରିପୋର୍ଟର ଭୁଲ୍ ତ୍ରୁଟି ତଥା ସର୍ବେକ୍ଷଣରେ ବ୍ୟବହୃତ ପଦ୍ଧତିକୁ ନେଇ ପ୍ରଶ୍ନ ଉଠାଇ ଚାଲିଛନ୍ତି ମୋଦୀଙ୍କ ଭାରତ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ପ୍ରତିଦିନ ଖବରକାଗଜର ପୃଷ୍ଠା ଓଲଟାଇଲେ ନାରୀ ନିର୍ଯାତନା, ଯୌନ ଶୋଷଣ, ଧର୍ଷଣ, ନାରୀ ହତ୍ୟା ସମ୍ପର୍କିତ ପ୍ରକାଶିତ ଖବର ପଢ଼ି ପଢ଼ି ସାଧାରଣ ଭାରତୀୟଟି ନିଜ ସମ୍ବେଦନଶୀଳତାକୁ ସମ୍ପୂର୍ଣ୍ଣ ଭାବରେ ହରାଇ ବସିଛି । ତାହାର ଏକ ପ୍ରତିଫଳନ ହିଁ ଆମେ ଏହି ରିପୋର୍ଟକୁ ନେଇ ପ୍ରତିକ୍ରିୟାଗୁଡ଼ିକରେ ଦେଖିବାକୁ ପାଉଛୁ । ବିଡ଼ମ୍ବନାର କଥା ଯେ, ଆମର ପରମ ଶତ୍ରୁ ବୋଲି ଚିତ୍ରଣ କରାଯାଉଥିବା ପାକିସ୍ଥାନ ବି ତାଲିକାରେ ତୃତୀୟ ସ୍ଥାନରେ ରହି ସୂଚାଇଦେଉଛି ଯେ, ପାକିସ୍ଥାନର ନାରୀମାନେ ଭାରତୀୟ ନାରୀଙ୍କ ତୁଳନାରେ କମ ବିପଦପୂର୍ଣ୍ଣ ସ୍ଥିତିରେ ଅଛନ୍ତି । ତାଲିବାନଙ୍କ ଆଫଗାନିସ୍ଥାନ ବି ଭାରତ ପଛକୁ ଅଛି ।

'ଥମସନ୍ ରଏଟର ଫାଉଣ୍ଡେସନ' ଯେଉଁସବୁ ମାପକାଠି ନେଇ ନାରୀମାନଙ୍କ ପ୍ରତି ଥିବା ବିପଦଗୁଡ଼ିକୁ ସାମଗ୍ରିକ ଭାବେ ଦେଖିଛନ୍ତି, ସେ ସବୁର ପରୀକ୍ଷା ମୁଖ୍ୟତଃ ସ୍ୱାସ୍ଥ୍ୟସେବା, ଆର୍ଥିକ ସମ୍ବଳ ଏବଂ ସାଂସ୍କୃତିକ, ଧାର୍ମିକ ତଥା ପ୍ରଥାଗତ ଆଚରଣ ଏବଂ ଅଭ୍ୟାସଗୁଡ଼ିକରେ ଥିବା ଭେଦଭାବ, ଯୌନହିଂସା ଏବଂ ନିର୍ଯାତନା, ଅଣ ଯୌନଗତ ହିଂସା ଏବଂ ନାରୀ ଚାଲାଣ ଇତ୍ୟାଦି କ୍ଷେତ୍ରରେ କରାଯାଇଛି । ବିଶ୍ୱର ୧୯୩ଟି ଦେଶର ସଂଯୁକ୍ତରାଷ୍ଟ୍ର ସଦସ୍ୟମାନଙ୍କୁ ନେଇ ଏକ ସର୍ବେକ୍ଷଣ କରାଯାଇଥିଲା । ତାଲିକାର ଶୀର୍ଷ ସ୍ଥାନରେ ଭାରତ କେମିତି ରହିଲା ବୋଲି ଯେତେବେଳେ ଥମସନ ରଏଟର ସଂସ୍ଥାକୁ ପଚରାଗଲା, ସେମାନେ ଉତ୍ତରରେ କହିଥିଲେ ଯେ, ମୁଖ୍ୟତଃ କେତୋଟି କ୍ଷେତ୍ରରେ ଭାରତୀୟ ନାରୀମାନେ ଅଧିକ ବିପଦର ସାମ୍ନା କରୁଛନ୍ତି । ସେଗୁଡ଼ିକ ହେଲା ଯୌନହିଂସା ଓ ନିର୍ଯାତନା, ସାଂସ୍କୃତିକ, ଆଦିବାସୀ ଏବଂ ପାରମ୍ପରିକ ଅଭ୍ୟାସଗୁଡ଼ିକରୁ ଉପୁଜିଥିବା ନାରୀମାନଙ୍କ ପ୍ରତି ବିପଦ, ନାରୀ ଚାଲାଣ, ଯେଉଁଥିରେ ରହିଛି ଶ୍ରମ ଦେବା ପାଇଁ ବାଧ୍ୟବାଧକତା, ଯୌନ ଦାସତ୍ୱ ଏବଂ ଘରୋଇ ସେବା । ଏହି ସଂସ୍ଥାର ସର୍ବେକ୍ଷଣ ପାଇଁ ବ୍ୟବହୃତ ହୋଇଥିବା ଛଅଟି ମାପକାଠି ଯଥା ସ୍ୱାସ୍ଥ୍ୟସେବା, ଲିଙ୍ଗଭେଦ, ସାଂସ୍କୃତିକ ପରମ୍ପରା, ଯୌନହିଂସା, ଅଣଯୌନଗତ ହିଂସା, ନାରୀଚାଲାଣ ଇତ୍ୟାଦିରେ ମଧ୍ୟ ଭାରତର ନାରୀମାନଙ୍କର ସ୍ଥିତି ଆଦୌ ଭଲ ନାହିଁ । ଆମେ କେଉଁ ଦେଶଠୁ ପଛରେ ଅଛନ୍ତି କେଉଁ ଦେଶଠୁ ଆଗରେ ଅଛନ୍ତି ତାହା ଆମ ପାଇଁ ଅର୍ଥହୀନ, ଯେହେତୁ ଆମେ କୌଣସି ଦେଶ ସହ ତୁଳନା ନକରି ନିଜର ସ୍ଥିତି ଯଦି ନିଜେ ସମୀକ୍ଷା କରନ୍ତି ତେବେ ଆମେ ଭଲଭାବେ ବୁଝିପାରିବା ଯେ ଆମ

ନାରୀମାନେ ବା ଝିଅମାନେ କେଉଁ ସ୍ଥିତିରେ ଅଛନ୍ତି। 'କ୍ରାଏ' ନାମକ ବେସରକାରୀ ସଂସ୍ଥାର ଏକ ରିପୋର୍ଟ କହେ ଯେ, 'ଭାରତରେ ପ୍ରତି ୧୫ମିନିଟରେ ଗୋଟିଏ ଶିଶୁ ଯୌନ ହିଂସାର ଶିକାର ହେଉଛି'। ୨୦୧୬ର ଭାରତ ସରକାରଙ୍କର ନ୍ୟାସନାଲ କ୍ରାଇମ୍ ରେକର୍ଡ଼ ବ୍ୟୁରୋ (National Crime Records Bureau)ର ପରିସଂଖ୍ୟାନ ମୁତାବକ ସେମାନଙ୍କ ପାଖରେ୭୬୩ଟି ଶିଶୁଚାଲାଣ ହେବାର ସୂଚନା ଅଛି, ୧୩୫ଟି ଶିଶୁ କନ୍ୟାଙ୍କୁ ବେଶ୍ୟାବୃ ି ପାଇଁ ବିକ୍ରି କରାଯାଇଛି ଏବଂ ୧୯,୯୨୦ ଶିଶୁ ଧର୍ଷଣର ଶିକାର ହୋଇଛନ୍ତି। ଏଠି ଉଲ୍ଲେଖ କରିବା ଉଚିତ ହେବ ଯେ, ଯେତେସବୁ ମାମଲା ରିପୋର୍ଟ କରାଯାଉଛି ତାହାଠାରୁ ଢ଼େର ଅଧିକ ମାମଲା ଥାନା, ଗଣମାଧ୍ୟମ ବା ନାଗରିକ ସମାଜ ପାଖରେ ପହ୍ ପାରୁନାହିଁ। ସୁତରାଂ ରଏଟର ଫାଉଣ୍ଡେସନର ରିପୋର୍ଟକୁ ଉପହାସ ନକରି ବରଂ ଆମ ସମାଜରେ ନାରୀମାନେ ସାମ୍ନା କରୁଥିବା ଚରମ ବାସ୍ତବତାଟିକୁ ସ୍ୱୀକାର କରି ନିରାକରଣର ରାସ୍ତା ବାହାର କରିବା ପାଇଁ ନିଷ୍ଠାପର ପ୍ରୟାସଟିଏ କରିବାର ସମୟ ଆସିଛି।